भाकृअनुप - केंद्रीय चावल अनुसंधान संस्थान
ଭା.କୃ.ଅନୁ.ପ.-କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬
(An ISO 9001: 2015 Certified Institute)

# କୃଷି ସୂଚନା ସେବା (ଧାନ)

**୨୦୨୫ ମସିହା ମାର୍ଚ୍ଚ ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା :**

**ବର୍ତ୍ତମାନ ସମୟରେ ଅଧିକାଂଶ ଧାନଗଛ ହେଉଥିବା ଅଂଚଳରେ ହଳଦିଆ କାଣ୍ଡବିନ୍ଧା ପୋକ ଲାଗିଥିବାର ଦେଖାଯାଉଛି ।**

- ❖ ଏହି ପୋକର ନିରୀକ୍ଷଣ ପାଇଁ ରୁଆ ଧାନରେ ଏକର ପିଛା ୩ଟି ହିସାବରେ ଯୌନ ସମ୍ବେଦନଶୀଳ ଯନ୍ତା ରଖନ୍ତୁ । ଯେତେବେଳେ ପୁରୁଷ ପ୍ରଜାପତିର ସଂଖ୍ୟା ଗୋଟିଏ ଦିନରେ ଯନ୍ତାପ୍ରତି ୩ଟି ଦେଖାଯିବ ତେବେ ଏହାର ଦମନ ପାଇଁ ନିମ୍ବ ମଂଜିରୁ ତିଆରି ଔଷଧ ଆଜାଡିରାକ୍ଟିନ୍ ଏକର ପ୍ରତି ୮୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ କିମ୍ବା କ୍ଲୋରାନ୍ ଟ୍ରାନିଲିପ୍ରୋଲ ୪% ଜି.ଆର୍. ଏକର ପ୍ରତି ୪ କି.ଗ୍ରା. କିମ୍ବା କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ଜି. ଏକର ପ୍ରତି ୧୦ କି.ଗ୍ରା. ସମାନ ପରିମାଣର ବାଲି ସହ ମିଶାଇ ପ୍ରୟୋଗ କରନ୍ତୁ କିମ୍ବା କ୍ଲୋରାନ୍ ଟ୍ରାନିଲିପ୍ରୋଲ ୧୮.୫% ଏସ୍.ସି. ୬୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । କିମ୍ବା ଫ୍ଲୁବେନ୍ଡିମାଇଡ୍ ୪୮୦ ଏସ୍.ସି. ୨୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ଏକ ଏକରରେ ସିଂଚନ କରନ୍ତୁ ।
- ❖ ଯେତେବେଳେ ଏହି ପୋକର ଅଣ୍ଡା ବିଲରେ ଦେଖାଯିବ ତେବେ ଏକର ପିଛା ଗୋଟିଏ ଟ୍ରାଇକୋକାର୍ଡ ବ୍ୟବହାର କରନ୍ତୁ ।
- ❖ ସପ୍ତାହ ଅନ୍ତରରେ ୪ ରୁ ୫ ଥର ଏହି ଭଳି କାର୍ଡ ବ୍ୟବହାର କରାଯାଇପାରିବ ।
- ❖ ଯେତେବେଳେ ଧାନ ବିଲରେ ଏହି ପୋକର ଅଣ୍ଡା ଦେଖିବେ ତେବେ ତାକୁ ସଂଗ୍ରହ କରି ନଷ୍ଟ କରିଦିଅନ୍ତୁ ।
- ❖ ବୟସ୍କ ପୋକମାନଙ୍କୁ ଧରିବାପାଇଁ ଆଲୋକ ଯନ୍ତା ବ୍ୟବହାର କରିପାରିବେ ।
- ❖ ଗଛର ତଳଭାଗରେ ହଳଦିଆ କାଣ୍ଡବିନ୍ଧା ପୋକର ଅଣ୍ଡାଗୁଡିକ ବୁଡାଇବା ପାଇଁ ପର୍ଯ୍ୟାୟ କ୍ରମେ ଜଳସେଚନର ସ୍ତର ବଢ଼ାଇବା ଦରକାର ।

## ୧) ରୁଆ ଡାଲୁଅ ଧାନ

**ଏବେ ମୁଖ୍ୟ ଜମିରେ ତଳିରୁଆ ଯାଇଥିଲେ**

- ❖ ରୁଆ ଧାନରେ ବାଲୁଙ୍ଗା ଦମନ ପାଇଁ ବେନ୍ସଲଫ୍ୟୁରାନ ମିଥାଇଲ୍ ସହିତ ପ୍ରେଟିଲାକ୍ଲୋର (ଲୋଣ୍ଡାକ୍ସ ପାୱାର / ଇରେଜ୍‌ଷ୍ଟ୍ରଙ୍ଗ୍) ପ୍ରତି ଏକର ପିଛା ୪ କି.ଗ୍ରା. ହିସାବରେ ରୋଇବାର ୫-୮ ଦିନ ପରେ ପ୍ରୟୋଗ କରନ୍ତୁ । ଏହା ଦାନାଦାର ହୋଇଥିବାରୁ ଏହା ସହିତ ପ୍ରତି ଏକର ପିଛା ୪ କି.ଗ୍ରା. ବାଲି ମିଶାଇ ବିଲରେ ସମାନ କରି ପ୍ରୟୋଗ କରନ୍ତୁ କିମ୍ବା ଧାନ ରୋଇବାର ୩ ରୁ ୫ ଦିନ ପରେ ପାଇରାଜୋସଲଫ୍ୟୁରାନ୍-ଇଥାଇଲ ୧୦ ଡବ୍ଲ୍ୟୁ.ପି. (ସାଥି) ଏକର ପିଛା ୮୦ ଗ୍ରାମ୍ ପ୍ରୟୋଗ କରନ୍ତୁ ନତୁବା ବିସ୍‌ପାଇରିବାକ୍ ସୋଡିୟମ୍ (ନୋମିନିଗୋଲ୍ଡ) ୧୨୦ ମି.ଲି. ୧୪୦ ଲିଟର ପାଣିରେ ମିଶାଇ ଧାନ ରୋଇବାର ୧୦ ରୁ ୧୫ ଦିନ ପରେ ଅର୍ଥାତ୍ ଘାସ ୨ ରୁ ୩ ପତ୍ର ହୋଇଥିବା ଅବସ୍ଥାରେ ସିଂଚନ କରନ୍ତୁ ।

- ଯଦି ବକାନି ରୋଗ ଦେଖାଯାଏ ତେବେ ୧ ଲିଟର ପାଣିରେ ୧ ଗ୍ରା. କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି ମିଶାଇ ସିଂଚନ କରନ୍ତୁ ଏବଂ ୭ ରୁ ୧୦ ଦିନ ବ୍ୟବଧାନରେ ଦ୍ୱିତୀୟବାର ପ୍ରୟୋଗ କରନ୍ତୁ ।

**ମୂଖ୍ୟ ଜମିରେ ତଳି ଚେର ଧରି ମଜବୁତ ହୋଇ ସାରିଥିଲେ**

- ସକ୍ରିୟ ପିଲ ଅବସ୍ଥାରେ (ତଳିରୁଆର ୨୦ ରୁ ୨୫ ଦିନ ପରେ) ଏକର ପ୍ରତି ୩୫ କି.ଗ୍ରା. ୟୁରିଆ ପ୍ରଥମ ଶୀର୍ଷସାର ଭାବରେ ପ୍ରୟୋଗ କରନ୍ତୁ ।
- ଚାଷୀ ଯଦି ପୂର୍ବରୁ କୌଣସି ଘାସ ନିୟନ୍ତ୍ରଣ ଔଷଧ ବ୍ୟବହାରକରି ନାହାନ୍ତି ତେବେ ପେନୋକ୍ସୁଲମ୍ ୧.୦୨% + ସାଇହାଲୋଫୋପ୍-ବ୍ୟୁଟାଇଲ୍ ୫.୧%(ଭିଭାୟା) ୮୦୦ ମି.ଲି. ପ୍ରତି ଏକର ହିସାବରେ ରୋଇବାର ୧୫ ରୁ ୨୦ ଦିନ ପରେ ସିଂଚନ କରନ୍ତୁ  କିମ୍ବା  ୨୦ ରୁ ୨୫ ଦିନ ପରେ ହାତରେ ଘାସବାଛି ଦିଅନ୍ତୁ ।
- ଯଦି ମହିଷାରୋଗ ଦେଖାଯାଏ, ତେବେ କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି ୨୦୦ ଗ୍ରାମ୍ କିମ୍ବା ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫%  + ଟେବୁକୋନାଜୋଲ ୫୦% ୮୦ ଗ୍ରାମ୍ କିମ୍ବା ଏଡିଫେନ୍‌ଫସ୍ ୫୦ ଇ.ସି. ୨୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ଏକର ପ୍ରତି ୨୦୦ ଲିଟର ଦ୍ରବଣ ଆବଶ୍ୟକ ହୋଇଥାଏ ।
- ଯଦି ପତ୍ରଚିତା ରୋଗ ଦେଖାଦିଏ, ତେବେ ଏକର ପିଛା ୨ ମି.ଲି. ପ୍ରୋପିକୋନାଜୋଲ ୨୫% ଇ.ସି. କିମ୍ବା  ଏକର ପ୍ରତି ୫୦୦ ଗ୍ରାମ କାର୍ବେଣ୍ଡାଜିମ୍  ୧୨% + ମାଙ୍କୋଜେବ୍ ୬୩% ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।

**୨. କାଦୁଅ ବୁଣା ତାଲୁଅ ଧାନ**

- ଘାସ ନିୟନ୍ତ୍ରଣ ପାଇଁ ଧାନ ବୁଣିବାର ୧୦ ରୁ ୧୨ ଦିନ ପରେ ଅର୍ଥାତ୍ ୨ ରୁ ୩ ପତ୍ରବିଶିଷ୍ଟ ଘାସ ନିୟନ୍ତ୍ରଣ କରିବା ପାଇଁ ବିସ୍‌ପାଇରିବାକ୍ ସୋଡିୟମ୍ (ନୋମିନିଗୋଲ୍ଡ) ୧୨୦ ମି.ଲି. କିମ୍ବା  ଧାନ ବୁଣିବାର ୧୫ ରୁ ୨୦ ଦିନ ପରେ ଏକର ପ୍ରତି ୮୦୦ ମି.ଲି. ପେନୋକ୍ସୁଲମ୍ ୧.୦୨% + ସାଇହାଲୋଫପ୍ – ବ୍ୟୁଟାଇଲ ୫.୧% ୧୪୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।
- ଯଦି ମହିଷାରୋଗ ଦେଖାଯାଏ, ତେବେ କାର୍ବେଣ୍ଡାଜିମ୍ ୫୦ ଡବ୍ଲ୍ୟୁ.ପି ୨୦୦ ଗ୍ରାମ୍ କିମ୍ବା ଟ୍ରାଇଫ୍ଲୋକ୍ସିଷ୍ଟ୍ରୋବିନ୍ ୨୫%  + ଟେବୁକୋନାଜୋଲ ୫୦% ୮୦ ଗ୍ରାମ୍ କିମ୍ବା ଏଡିଫେନ୍‌ଫସ୍ ୫୦ ଇ.ସି. ୨୦୦ ମି.ଲି. ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । ଏକର ପ୍ରତି ୨୦୦ ଲିଟର ଦ୍ରବଣ ଆବଶ୍ୟକ ହୋଇଥାଏ ।
- ଚାଷୀଭାଇମାନେ ଧାନ ଚାଷ ସମ୍ପର୍କରେ ଅଧିକ ସୂଚନା ବା ବିବରଣୀ ଜାଣିବାକୁ ଚାହୁଁଥିଲେ ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ ଦ୍ୱାରା ବିକଶିତ ରାଇସ୍ ଏକ୍ସପୋର୍ଟ ମୋବାଇଲ ଆପ୍ (riceXpert) ଗୁଗୁଲ୍ ପ୍ଲେଷ୍ଟୋରରୁ ଡାଉନ୍‌ଲୋଡ କରି ବ୍ୟବହାର କରିପାରିବେ ।

*****